# ପୂଜ୍ୟ ଗୁରୁଜୀ

ପୁରନ୍ଦର ଶାସନୀ

ମୋର ବାପା ୰ ସାରଙ୍ଗ ଶାସନୀ ମୋତେ ସ୍ୱର୍ଗତ ଗୁରୁଙ୍କ ପରିଚାଳିତ ଠକ୍କରବାପାଙ୍କ ଆଶ୍ରମରେ ଭର୍ତ୍ତି କରିବାକୁ ଆଣିଲେ ଏବଂ ଗୁରୁଙ୍କ ସହିତ କଥା ହେବା ବେଳକୁ ବାପାଙ୍କ ବୟସ ଷାଠିଏରୁ ଊର୍ଦ୍ଧ୍ୱ ହେବ । ବାପାଙ୍କ ଗୋଡ଼ ଦୁଇଟାକୁ ଧରି ମୁଁ ଛିଡ଼ା ହୋଇଥାଏଁ । ବାପାଙ୍କ ଆଣ୍ଠୁରେ ମୋର ମୁଣ୍ଡ ଲାଗିଛି, ମୋର ହାତ ଧରି କଥା ହେଉଛନ୍ତି । ବାପା ଅନୁନୟ ହୋଇ କହୁଛନ୍ତି ଆଜ୍ଞା ପିଲାଟାକୁ ମୋର ଆପଣଙ୍କ ଆଶ୍ରମରେ ରଖନ୍ତୁ, ଦୟା କଲେ ଜିଲ୍ଲା ସ୍କୁଲରେ ପଢନ୍ତା, ମଣିଷ ହୁଅନ୍ତା ।

ବାପାଙ୍କ ଆବେଗ ଭରା କାକୁତି ବିନତି ଶୁଣି ଗୁରୁଜୀ ମୋତେ ଦେଖି ବାପାଙ୍କୁ କହିଲେ "ବୁଢେ ! ଆଶା କରିଛ ଏ ପିଲା ପାଠ ପଢି ମେଟ୍ରିକ ପାସ୍ କରି, ନୌକରୀ କରି ତୁମ୍ଭଙ୍କୁ ପୋଷିବ ? ପିଲାର ବୟସ ଦେଖ ତୁମ୍ଭର ବୟସ ଦେଖ ମେଟ୍ରିକ୍ ପାସ୍ କରିବାକୁ ୮/୯ ବର୍ଷ ଲାଗିବ" ଏତକ କହି ଗୁରୁଜୀ କୌତୁହଳ ପୂର୍ଣ୍ଣ ନୟନରେ ବାପାଙ୍କ ମୁଖକୁ ଚାହିଁଲେ ପ୍ରତ୍ୟୁତ୍ତର ଆଶାରେ । ଏ ସମସ୍ତ କଥା ମୁଁ ନୀରବରେ ଶୁଣୁଥାଏ । ବାପା ଦୀର୍ଘଶ୍ୱାସ ଛାଡି କହିଲେ ଆଜ୍ଞା ସେ ଆଶା ମୋର ନାହିଁ । କେବଳ ମୁଁ ମୋର ଅତୀତକୁ ଭାବୁଛି ଏକେ ତ ଗରୀବ ଲୋକ, ହାଡଭଙ୍ଗା ଖଟଣୀ, ମୂଲ ଦିନକୁ ପାଞ୍ଚମାଣ ଧାନ, ଗୋଡ ନ ଚଳିଲେ ତୁଣ୍ଡ ଚଳିବ ନାହିଁ । ଘରେ ଚାରିପାଞ୍ଚ ପ୍ରାଣୀ କୁଟୁମ୍ବ । ଆପଣ ଠିକ୍ ଅନୁମାନ କରିଛନ୍ତି । ମୁଁ ଯେ କେତେବେଳେ ଟଳି ପଡିବି ତାର ଠିକଣା ନାହିଁ । ମୁଁ ଗଲା ପରେ ଏ ଛୁଆର ଭବିଷ୍ୟତ ଚିନ୍ତା କିଏ କରିବ ଏ ଯେ ମୋର ପ୍ରଥମ ପୁଅ । ଘରେ ନା ଜମିବାଡି ଅଛି ନା ସ୍ଥାବର ଅସ୍ଥାବର ସମ୍ପତ୍ତି ଅଛି ଯେଉଁଥିରେ କି ମୋ ଅନ୍ତେ ପୁଅ ଚଳିଯିବ ବୋଲି ଭାବିବି ତା ମଧ ନାହିଁ । ଆଗକୁ ଦେଖିଲେ ଯା' ପଛକୁ ଦେଖିଲେ ତା' । ଏ ପିଲାଟି ମୋ ପରି ଖଟଣି ଖଟିବ ତା ମଧ ଆଶା ଦିଶୁନାହିଁ । ଆପଣ ତ ନିଜେ ଦେଖୁଛନ୍ତି ଏବଂ ଏସବୁ ଦେଖି ମଧ ପ୍ରଶ୍ନ କରୁଛନ୍ତି । ତେଣୁ ଆପଣହିଁ ବିଚାର କରନ୍ତୁ କହି ବାପା ନୀରବ ହୋଇ ଅଶ୍ରୁଳ ନୟନରେ ଗୁରୁଜୀଙ୍କୁ ଚାହିଁ ରହିଲେ ।

ଗୁରୁଜୀ ବାପାଙ୍କ କଥାସବୁ ନୀରବରେ ଶୁଣୁଥିଲେ । ବାପାଙ୍କ ଦୃଢୋକ୍ତିକୁ ଲକ୍ଷ୍ୟ କରି ବାପାଙ୍କୁ କହିଲେ ପୁଅ ଏନଟ୍ରାନ୍ସ ପରୀକ୍ଷାରେ ପାସ୍ କଲେ ମୁଁ ତାକୁ ହଷ୍ଟେଲରେ ରଖିନେବି ।

ବାପା ଗୁରୁଜୀ ରାଜିହେବା ଶୁଣି ଖୁସି ହୋଇ ଗାଁକୁ ଯିବା ପାଇଁ ବାହାରିଲେ ମୁଁ ତାଙ୍କ ସହିତ କିଛି ବାଟ ଗଲି । ମୋତେ ହଷ୍ଟେଲକୁ ଫେରିଯିବାକୁ କହିଲେ । ଅଶ୍ରୁଳ ନୟନରେ "ପୁରନ୍ଦର ତୋର କମାଣୀ ଖାଇବି ଏହା ମୋର ଆଶା ନାହିଁ" ତୁ ତୋର ଭବିଷ୍ୟତ ଦେଖି ପାଠ ପଢିବୁ ଯେପରି ପରୀକ୍ଷାରେ ପାଶ୍ କରିବୁ । ବାପାଙ୍କ କଥା ଶୁଣି ବାପାଙ୍କ ଗୋଡ ଦୁଇଟା ଧରି କାନ୍ଦିବାକୁ ଲାଗିଲି । ବାଟରେ ଯାଉଥିବା ଲୋକମାନେ ମୋର କାନ୍ଦ ଶୁଣି ବାପାଙ୍କୁ ପଚାରିଲେ ଏପିଲା ଏପରି କାହିଁକି କାନ୍ଦୁଛି ଏବଂ ପିଲାଟା ତୋର କ'ଣ ହୁଏ । ବାପା ଗୁରୁଜୀଙ୍କ କଥାସବୁ ତାଙ୍କ ଆଗରେ ପୁନରାବୃତ୍ତି କଲେ । ତୋର ବାପା ଠିକ୍ କହୁଛି ତୁ ହଷ୍ଟେଲକୁ ଫେରି ଯା ଏବଂ ଭଲ ଭାବରେ ପାଠ ପଢିବୁ ଯେପରି ପରୀକ୍ଷାରେ ପାଶ୍ କରିବୁ । ବାପା ଗାଁ କୁ ଚାଲିଗଲେ । ମନ ଦୁଃଖରେ ଫେରିବା ବେଳେ "ଭଗବାନଙ୍କୁ ପ୍ରାର୍ଥନା କଲି ପ୍ରଭୁ ମୋର କମାଣୀ ବାପା ଯଦି ଖାଇବେ ତ ପରୀକ୍ଷାରେ ପାଶ୍ କରେଇବ ଯଦି ନାହିଁ ତା' ହେଲେ ମୋତେ ଫେଲ କରିଦେବ । ମୁଁ ଗାଁକୁ ଫେରି ଯାଇ ଛେଳି ବଳଦ ଚରାଇ ବୃଦ୍ଧ ବାପା ମା'ଙ୍କୁ ଯେପରି ପୋଷିବି ।

ଦୁଇଦିନ ପରେ ପରୀକ୍ଷା ହେଲା । ପରୀକ୍ଷାରେ ମୁଁ ପାଶ୍ କଲି । ଖୁସି ହୋଇ ଭାବିଲି ପ୍ରଭୁ ମୋର ଡାକ ଶୁଣିଛନ୍ତି । ମୋର ବାପା ମା' ନିଶ୍ଚୟ ମୋର ନୌକରୀ କରିବା ପର୍ଯ୍ୟନ୍ତ ବଞ୍ଚିବେ ।

ଜିଲ୍ଲାସ୍କୁଲରେ ଚତୁର୍ଥ ଶ୍ରେଣୀରେ ମୋର ନାମ ଲେଖାହେଲା । ୧୯୪୦ ମସିହା ଜାନୁୟାରୀ ମାସରେ ମୁଁ ଜିଲ୍ଲାସ୍କୁଲରେ ଗୁରୁଜୀଙ୍କ ଆଶ୍ରମରେ ରହି ପାଠ ପଢିଲି । ଆଶ୍ରମରେ ପ୍ରତ୍ୟହ ସନ୍ଧ୍ୟାରେ ଏବଂ ଭୋର ସକାଳେ ପ୍ରାର୍ଥନା କରୁଁ । ରାତି ନଅଟା ପର୍ଯ୍ୟନ୍ତ ପାଠ ପଢୁଁ । ପଢିସାରି ଖାଇବାପରେ ଶୋଉଁ । ନିଜ କାମ ନିଜେ କରୁଁ । ତାକୁଡିରେ ସୂତା ମଧ କାଟୁଁ । ହଷ୍ଟେଲରେ ପିଲାଙ୍କ ମଧରେ ମୁଁ ସବୁଠୁଁ ସାନଥାଏ । ସେତିକି ବେଳକୁ କଂଗ୍ରେସ ଆନ୍ଦୋଳନ ଭୀଷଣ ଆକାର ଧାରଣ କରିଥାଏ ସାରା ଭାରତରେ । ଆମ୍ଭେମାନେ ସମସ୍ତ ସ୍କୁଲ ଛାତ୍ରଛାତ୍ରୀ ମଧ ଆନ୍ଦୋଳନରେ ଯୋଗଦେଇ ଥାଉଁ ।

୧୯୪୨ ମସିହାରେ ଭାରତ ଛାଡ ଆନ୍ଦୋଳନର ଡାକରା ଆସିଲା ମହାତ୍ମାଗାନ୍ଧୀଙ୍କର ସାରା ଭାରତ ବର୍ଷର ଛାତ୍ରଛାତ୍ରୀଙ୍କ ପ୍ରତି । ଉକ୍ତ ଆନ୍ଦୋଳନରେ ସମସ୍ତ ହଷ୍ଟେଲବାସୀ ମଧ ସାମିଲ ହୋଇ ଝାସ ଦେଲୁ । ୰ନୃସିଂହ ଗୁରୁଙ୍କୁ ଜେଲରେ ଭରିଦେଲେ । ଭାରତର ଅନେକ ଛାତ୍ରଛାତ୍ରୀ ଦେଶର ସ୍ୱାଧୀନତା ପାଇଁ ଜୀବନ ଉତ୍ସର୍ଗ କରିଛନ୍ତି । ଶେଷରେ ଭାରତ ୧୯୪୭ ଅଗଷ୍ଟ ୧୫ ତାରିଖରେ ଇଂରେଜ ଶାସନରୁ ମୁକ୍ତି ଲାଭକଲା ।

ଆନ୍ଦୋଳନରେ ଯୋଗଦେଇ ପଢାପଢି ସେତେ ଭଲ ହେଲାନାହିଁ । ୧୯୪୯ ମସିହାରେ ମେଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନ ପାରି ପରିସ୍ଥିତିର ପ୍ରତିକୂଳ ଯୋଗୁଁ ଚାକିରୀ କରିବା ପାଇଁ ବାଧ ହେଲି । ୧୯୫୦ ସାଲରେ ରକ୍ଲାମେସନ କେମ୍ପରେ ଓ୍ୱାର୍କ ସରକାର ପଦବୀରେ ଦୁଇତିନି ବର୍ଷ କାମ କରିବା ପରେ ୰ନୃସିଂହ ଗୁରୁଙ୍କ ପ୍ରଚେଷ୍ଟାରେ ପୋଷ୍ଟ ଅଫିସରେ ପିଅନ

କାମ ଖଣ୍ଡେ ପାଇଲି । ୰ ଗୁରୁଜୀଙ୍କ ଏହି ଅବସାନ ଜୀବନରେ ଅଭୁଲା ସ୍ମୃତି ହୋଇ ରହିଛି ! ବାପା ମା' ମୋର କେବଳ ଜନ୍ମଦାତା, ହେଲେ ଗୁରୁଜୀ ମୋର ଅନ୍ନଦାତା, ପାଳନକର୍ତ୍ତା, ଜ୍ଞାନଦାତା ଥିଲେ । ଚାକିରୀ କଲାବେଳେ ବାପା, ମା ବଞ୍ଚିଥିଲେ ମୋର ବାହା ମଧ ସରିଯାଇଥାଏ । ବାପା, ମା' ବଞ୍ଚିଥିବାର ଗୁରୁଜୀ ଜାଣି ଖୁସିହେଲେ ଏବଂ ପଛ କଥାକୁ ସ୍ମରଣ କରି ବିସ୍ମିତ ମଧ ହେଲେ । ମୋ ପ୍ରତି ମୋର ପରିବାର ପ୍ରତି ୰ ଗୁରୁଜୀଙ୍କ ସ୍ନେହ ମମତା ଭିନ୍ନ ପ୍ରକାର ଥିଲା ।

ମନେପଡେ ଗୁରୁଜୀ ପିତୃଶ୍ରାଦ୍ଧ କଲେ ଆମ୍ଭର ମେସ ବନ୍ଦ କରାଉଥିଲେ ଏବଂ ତାଙ୍କ ଘରେ ହରିଜନ ଛାତ୍ରଙ୍କୁ ଭୋଜି ଖୁଆଉଥିଲେ । ଗୁରୁମା ଏସବୁ ଦେଖି ଗୁରୁଜୀଙ୍କୁ ଅଟ୍ଟା କରି କହୁଥିଲେ - "ଶ୍ରାଦ୍ଧରେ ଭଲ ବ୍ରାହ୍ମଣ ପିଲା ଥୋଡେ ପାଇଛ ।" ଗୁରୁଜୀ ଏହା ଶୁଣି ମୁରୁକି ମୁରୁକି ହସୁଥିଲେ । ନିର୍ବିକାର ଚିତ୍ତରେ ଆମ୍ଭମାନଙ୍କ ସେବା କରୁଥିଲେ । "ନୃସିଂହ" ନାମର ତାତ୍ପର୍ଯ୍ୟ ଅଛି । ସେ ସେତେବେଳେ ସ୍ୱୟଂ ସତ୍ୟ ଯୁଗ ପାଇଁ ଅବତାର ନେଇ ଜନ୍ମ ହୋଇଥିଲେ ବୋଲି କହିଲେ ଅତ୍ୟୁକ୍ତ ହେବ ନାହିଁ ।

ଜୀବନର ଶେଷ ମୁହୂର୍ତ୍ତ ୧୯୮୪ ସାଲର ମୃତ୍ୟୁ ପୂର୍ବର ରବିବାର ଦିନ ତାଙ୍କ ସହିତ ଶେଷ ସାକ୍ଷାତ । ବେମାର ଅଛନ୍ତି ବୋଲି ଶୁଣି ସଙ୍ଗରେ ଅଙ୍ଗୁର, ସାନ୍ତରା ଓ କଦଳୀ କିଛି ଧରି ତାଙ୍କ ପାଖକୁ ଗଲି । ଯାଇ ତାଙ୍କୁ ପ୍ରଣାମ କଲି ଏବଂ ସେ ଫଳତକ ଗୁରୁଜୀଙ୍କ ହାତକୁ ବଢ଼ାଇ ଦେଲି ଗୁରୁଜୀ ହସି ହସି କହିଲେ "ପୁରନ୍ଦର ତୁଇ ଭି ଛୁଆମାନଙ୍କ ଭଳି ଏସବୁ ଧରି ଆସୁଛୁ । ବସ୍ , ଭଲଅଛୁ ତ ? ଯେ ଭି ଆସୁଛନ ସମସ୍ତେ ଏନ୍ତା ଫଳମୂଳ ନେଇ ଆସୁଛନ୍" । ମୁଁ କହିଲି ଇ ବୁଆ ଏଛେନ ବୁଢା ବେଳେ ଆପଣ ଛୁଆ ନାଇ ତ କାଣା ଯେ ? ଶୁଣି ଖୁସି ହେଲେ ଦୁଇତିନି ଘଣ୍ଟା ପର୍ଯ୍ୟନ୍ତ ଦୁଃଖ ସୁଖର କଥା ହେଲୁ - ଇତି ଅବସରରେ ଗୁରୁଜୀ ସାରଙ୍ଗଗଡ ଯିବାର କଥା କହିଲେ ଶଳାଙ୍କ ପୁଅର ସ୍ତ୍ରୀ ମୃତାହ କାର୍ଯ୍ୟରେ ଯୋଗଦେବାପାଇଁ । ମୁଁ କହିଲି ଆପଣଙ୍କ ଦେହ ଭଲ ନାହିଁ, ଗଲେ ଏକୁଟିଆ ନ ଯାଇ ମା'ଙ୍କୁ ସଙ୍ଗେ ନେଇ ଯିବେ । ଠିକ୍ ଏତିକିବେଳେ ଗୁରୁମା ସେଠାରେ ଆସି ପ୍ରବେଶ ହେଲେ । ଗୁରୁଜୀ ମା'ଙ୍କୁ ଦେଖି କହିଲେ ପଚାର ତୋର ମା'ଙ୍କୁ ଯିବାପାଇଁ ମନା କରୁଛନ୍ତି, ଏତିକି ବେଳେ ଗୁରୁମା' କହିଲେ "ଦେଖତରେ ପୁରନ୍ଦର ମା'ଘରକେ ଜିମି ଚଳି ଆରଦିନ ଆସବାକେ କହୁଛନ - ନାଇ ନାଇ ମା' ବାପାଙ୍କୁ ସଙ୍ଗେ ଯିବ - ମୁଁ ଯାଉଛି ।ତାପରେ ଦୁଇଦିନ ବାଦ ତାଙ୍କ ମର ଶରୀର ...............